ଭାରତୀୟ ଜନତା ଯୁବ ମୋର୍ଚ୍ଚା, ଓଡିଶା
BHARATIYA JANATA YUVA MORCHA, ODISHA
Qr. No.4R-3/2, Unit-3, Janpath, Bhubaneswar-1, E-mail-bjymodisha@gmail.com, Ph.(0674) 2390876/866 Fax-2393955

**ରାଜ୍ୟରେ  ବେକାର ଯୁବକଯୁବତୀମାନଙ୍କୁ ରୋଜଗାର ଦେବା ଏବଂ ପିସି କାରବାର ବନ୍ଦ ଦାବି ନେଇ**

# ସମସ୍ତ ଏକଜ୍ୟୁକେଟିଭ ଇଂଜିନିୟର ଏବଂ ଏସଡିଓ ଅଫିସ ଆଗରେ ହରତାଲ କରୁଛି ବିଜେପି ଯୁବମୋର୍ଚ୍ଚା

- ରାଜ୍ୟସରକାର ରାଜ୍ୟରେ କେବଳ ଦୁର୍ନତୀ, ଭ୍ରଷ୍ଟାଚାର ଏବଂ ପିସି କାରବାର ବଢାଇଚାଲିଛନ୍ତି
- ରାଜ୍ୟ ସରକାର ୫ ଲକ୍ଷଟଙ୍କା ପର୍ଯ୍ୟନ୍ତ ବିଭିନ୍ନ କାମ ପାଇଁ ଟେଣ୍ଡର ନକରି ଇଚ୍ଛା ମୁତାବକ କାମ ବାଂଟିବା ପ୍ରକ୍ରିୟାକୁ ବିରୋଧ
- ହରତାଲ ଆଗାମୀ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ
- ଡିସେମ୍ବର ୨୫ ତାରିଖରୁ ରୋଜଗାର ପରାମର୍ଶ ପଦଯାତ୍ରା ୧୪୭ଟି ବିଧାନସଭା ମଣ୍ଡଳୀରେ ଆରମ୍ଭ ହେବ

**ଭୁବନେଶ୍ୱର,ତା ୧୨/୧୨ :** ରାଜ୍ୟରେ ବେକାର ଯୁବକଯୁବତୀମାନଙ୍କୁ ରୋଜଗାର ଦେବା ଏବଂ ପିସି କାରବାର ବନ୍ଦ ଦାବି ନେଇ ରାଜ୍ୟର ସମସ୍ତ ଏକଜ୍ୟୁକେଟିଭ ଇଂଜିନିୟର ଏବଂ ଏସଡିଓ ଅଫିସ ଆଗରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ହରତାଲ ଚାଲିଛି । ଶତାଧିକ ସଂଖ୍ୟାରେ ଯୁବ କାର୍ଯ୍ୟକର୍ତାମାନେ ଯୁବକ ଯୁବତୀମାନଙ୍କୁ ରୋଜଗାର ଦେବା ନେଇ ରାଜ୍ୟସରକାରଙ୍କ ନିଷ୍କ୍ରିୟତା ବିରୋଧରେ ଦୃଢ ପ୍ରତିବାଦ କରିଛନ୍ତି ବୋଲି  ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଶ୍ରୀ ଟଙ୍କଧର ତ୍ରିପାଠୀ ସୂଚନା ଦେଇଛନ୍ତି ।

ରାଜ୍ୟସରକାର ରାଜ୍ୟରେ ଦୁର୍ନୀତି, ଭ୍ରଷ୍ଟାଚାର ଏବଂ ପିସି କାରବାରକୁ ପ୍ରାଧାନ୍ୟ ଦେଇ ଚାଲିଛନ୍ତି । ରାଜ୍ୟସରକାର ରୋଜଗାର ନଦେବା କାରଣରୁ ଓଡିଆ ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ରାଜ୍ୟ ସରକାର ୫ ଲକ୍ଷଟଙ୍କା ପର୍ଯ୍ୟନ୍ତ ବିଭିନ୍ନ କାମ ପାଇଁ ଟେଣ୍ଡର ନକରି ଇଚ୍ଛା ମୁତାବକ କାମ ବାଂଟିବା ପ୍ରକ୍ରିୟା କରି ଦଳୀୟ ଭିତିରେ ଟଙ୍କା ବଂଟନ କରୁଛନ୍ତି । ଏହା ଦ୍ୱାରା ବିଜେଡ଼ି ନେତା ତଥା ବିଧାୟକ ମାନେ ଛାୟା କଂଟ୍ରାକ୍ଟର ହୋଇଯାଇଛନ୍ତି । ଯେଉଁ କାମ ସାଧାରଣ ଓଡ଼ିଆ ଯୁବକ କରି ରୋଜଗାର ରାସ୍ତାରେ ଯାଇଥାନ୍ତା ନବୀନ ପଟ୍ଟନାୟକ ସରକାରଙ୍କର ପିସିକୁ ପ୍ରୋତ୍ସାହନ ଦେବା ନୀତି କାରଣରୁ ବିଧାୟକମାନେ ସାଧାରଣ ଯୁବକଙ୍କଠାରୁ ଏହି କାମ ଛଡ଼ାଇ ନେଇଛନ୍ତି । ପଲ୍ଲୀସଭା ନକରି 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ମାଧ୍ୟମରେ ଶାସକ ଦଳର ବିଧାୟକମାନେ ନିଜ ଦଳୀୟ କର୍ମୀମାନଙ୍କୁ ଟେଣ୍ଡର ଦେଉଛନ୍ତି ବୋଲି ଶ୍ରୀ ତ୍ରିପାଠୀ ଅଭିଯୋଗ କରିଛନ୍ତି ।

ଡିସେମ୍ବର ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି ହରତାଲ ଆଗାମୀ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥି ସହ ଡିସେମ୍ବର ୨୫ ତାରିଖରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମତିଥୀ ଅବସରରେ ରୋଜଗାର ପରାମର୍ଶ ପଦଯାତ୍ରା ୧୪୭ଟି ବିଧାନସଭା ମଣ୍ଡଳୀରେ ଆରମ୍ଭ ହେବ ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି ।

ସୁନ୍ଦରଗଡ, ବୌଦ୍ଧ, ଜଗତସିଂହପୁର, ଜୟପୁର, ବଲାଙ୍ଗୀର ସମେତ ଅନେକ ଜିଲ୍ଲାରେ ହରତାଲ ହେବା ସହ ଆଗାମୀ ଦିନରେ ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ହରତାଲକୁ ବ୍ୟାପକ କରାଯିବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**